# ଭରସା

ଦୃଢ଼ ଭରସା କରିଛି଼ ଚରଣେ
ଦିନେ ନାହିଁ ଦିନେ          କରୁଣା ଲଭିବି
ଜୀବନେ ନ ହେଲେ ମରଣେ ।

ତୁମ୍ଭର ଚରଣ ଜଗତ ଶରଣ
କେହି କରୁ ବା ନ କରୁ ବରଣ,
ଚିର ଦୁଃଖ ଦେଇ          ପାରିବ କି ଚାହିଁ
ଭବସାଗର ସନ୍ତରଣ ॥୧॥

ଚାଲିଯାଉଛି ରଜନୀ ବାସର
ଚଳିଯାଉଛି ମାସ ସଂବତ୍ସର
ମୋର ଦଶା ଚିର          ରହିଥିବ ସ୍ଥିର
ବାହାର ସେ ମୋ ବିଶ୍ୱାସର ॥୨॥

ତୁମ୍ଭେ ନିଜେ ଯାକୁ ଅଛ ସରଜି,
ତାକୁ କେମନ୍ତେ ପାରିବ ବରଜି
ତୁମ୍ଭର ଦଣ୍ଡନ          ମଣିବି ମଣ୍ଡନ
କେମନ୍ତେ ନ ହେବ ମରଜି ॥୩॥

ତୁମ୍ଭେ ମାରିବ ଅଥବା ତାରିବ
ଯାହା ଇଚ୍ଛା ତାହା କରିପାରିବ,
ଯାହା କର ତାହା          ତୁମ୍ଭ ଇଚ୍ଛା ବୋଲି
ମୋ ଜୀବ ସମୟ ସାରିବ ॥୪॥

ପ୍ରଭୁ ଶୁଣିଅଛି଼ ଏକ ମନ୍ତର
ତାହା ଭାବୁଛି଼ ବସି ନିରନ୍ତର
ଯେଡ଼େ ଦୋଷ କଲେ          ତୁମ୍ଭ ଦେଖୁଁ ବଳେ
କରି ନ ପାରିବ ଅନ୍ତର ॥୫॥